# ବିଏମ୍‌ସିର ଚଳିତ ଆର୍ଥିକ ବର୍ଷ ବଜେଟ ୪୬୨.୮୪ କୋଟି

**ବ୍ରହ୍ମପୁର ଅଫିସ,୧୩।୫**

ବ୍ରହ୍ମପୁର ମହାନଗର ନିଗମ (ବିଏମସି)ର ୨୦୨୨-୨୩ ଆର୍ଥିକ ବର୍ଷର ବଜେଟ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମେୟର ସଂଘମିତ୍ରା ଦଲେଇଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ୪୬୨ କୋଟି ୮୪ ଲକ୍ଷ ୫୭ ହଜାର ଟଙ୍କାର ସମତୁଲ ବଜେଟ ଗୃହୀତ ହୋଇଛି। ଚଳିତ ଆର୍ଥିକ ବର୍ଷରେ ମହାନଗରରେ ବିଭିନ୍ନ ସ୍ୱତନ୍ତ୍ର ଯୋଜନା ଲାଗି ୧୫୭.୫୦ କୋଟି ବ୍ୟୟବରାଦ କରାଯାଇଛି। ସେହିପରି ରାଜସ୍ୱ ଖର୍ଚ୍ଚ ବାବଦରେ ୯୧ କୋଟି ୨୦ ଲକ୍ଷ ୭୩ ହଜାର, ଡେଭଲପମେଣ୍ଟ (କ୍ୟାପିଟାଲ ଏକ୍ସପେନସସ୍) ବାବଦରେ ୩୬୧ କୋଟି ୬୩ ଲକ୍ଷ ୮୪ ହଜାର ଏବଂ କ୍ଲୋଜିଂ ବାଲାନ୍ସ ପାଇଁ ୧୦ କୋଟି ଟଙ୍କା ରଖାଯାଇଛି। ତେଣୁ ଆୟ ଓ ବ୍ୟୟ ସମାନ ହୋଇଥିବା କୁହାଯାଇଛି। ନିଗମରେ ଏହା ପ୍ରଥମ ବୃହତ୍ତ ବଜେଟ ହୋଇଛି। ବୈଠକରେ ବ୍ରହ୍ମପୁର ଏମପି



ବୈଠକରେ ଉପସ୍ଥିତ ଏମ୍‌ପି, ମେୟର, ବିଏମସି କମିଶନର ଓ ଅନ୍ୟମାନେ ।



କର୍ପୋରେଟର ଓ ଅଧିକାରୀମାନେ ।

- କର୍ପୋରେଟର ବୈଠକରେ ଅନୁମୋଦିତ
- ୧୭ ନୂଆ ଯୋଜନା ପାଇଁ ୧୫୭.୫୦ କୋଟି ବରାଦ

ଚନ୍ଦ୍ରଶେଖର ସାହୁ ଯୋଗ ଦେଇଥିଲେ। ମହାନଗର ନିଗମ କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ଏବଂ ନିର୍ବାଚିତ କର୍ପୋରେଟରଙ୍କ ସମେତ ଅତିରିକ୍ତ କମିଶନର ସସ୍ମିତ ରାଉତ, ଡେପୁଟି କମିଶନର ଅଦୈତ୍ୟ ପ୍ରସାଦ ସ୍ୱାଇଁ, ସମସ୍ତ ଇଞ୍ଜିନିୟର ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଉପସ୍ଥାପିତ ବଜେଟର ବିଭିନ୍ନ ଦିଗରୁ କର୍ପୋରେଟର ସଂଜିତ ପାଣିଗ୍ରାହି, ସୁରେନ୍ଦ୍ର ମହାରଣା, ପ୍ରଶାନ୍ତ ପଟ୍ଟନାୟକ, ତିରୁପତି ପାତ୍ର, ଟି. କିଶୋର, ସନ୍ଧ୍ୟାରାଣୀ ଶୁକ୍ଳ, ଭାଗିରଥୀ ମହାରଣା, ଡି. କରୁଣା, ପ୍ରଦୀପ ଶତପଥୀ ପ୍ରମୁଖ ବିସ୍ତୃତ ଆଲୋଚନା ସହ କେତେକ ପ୍ରସ୍ତାବ ଆଗତ କରିଥିଲେ। ୪୨ଟି ଯାକ ୱାର୍ଡର ଛକମାନଙ୍କରେ ମିନି ହାଇମାଷ୍ଟ ଲାଇଟ ଲଗାଯିବା, ପାର୍କିଂ ବ୍ୟବସ୍ଥା ନଥିବା ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ସହ ସିଲ୍ କରିଦେବା ପାଇଁ ପ୍ରସ୍ତାବ ଦିଆଯାଇଥିଲା।

ଚଳିତ ବର୍ଷ ୧୭ଟି ନୂଆ ଯୋଜନା ନିମନ୍ତେ ବ୍ୟୟବରାଦ ହୋଇଥିବା ୧୫୭.୫୦ କୋଟି ମଧ୍ୟରେ ଗୋଷାଣିନୂଆଗାଁ ଇଲାକାର ବିଶାଳ ଜଳାଶୟ ବେଢ଼ାବନ୍ଧ ପୁନରୁଦ୍ଧାର, ଆଧୁନିକୀ ଓ ସୌନ୍ଦର୍ଯ୍ୟକରଣ ଲାଗି ୪୮ କୋଟି, ଗିରି ମାର୍କେଟ ଉନ୍ନତିକରଣ ଯୋଜନାରେ ୨୦ କୋଟି, ୱାଟର ବଡ଼ି ବା ପୋଖରୀଗୁଡ଼ିକର ଉନ୍ନତି ନିମନ୍ତେ ୫ କୋଟି, ପାର୍କ ସାହି ମଲ ନିର୍ମାଣ ପାଇଁ ୧୨ କୋଟି, କ୍ରିଡ଼ା କମ୍ପ୍ଲେକ୍ସ ନିମନ୍ତେ ୧୦ କୋଟି, ଏସଏଚଜି ମାଧ୍ୟମରେ ନୂଆ ନିଯୁକ୍ତି ସୃଷ୍ଟି ନିମନ୍ତେ ଏହାର ଭିତ୍ତିଭୂମି ବିକାଶ ବାବଦରେ ୧୦ କୋଟି ବରାଦ କରାଯାଇଛି। ପ୍ରସ୍ତାବିତ ଯୋଜନାଗୁଡ଼ିକ ଅନୁମୋଦନ ଲାଗି ରାଜ୍ୟ ସରକାରଙ୍କୁ ପଠାଯିବ । ସୂଚନାଯୋଗ୍ୟ ୨୦୨୧-୨୨ ବର୍ଷର ବଜେଟରେ ବେଢ଼ାବନ୍ଧ ନିମନ୍ତେ ୫୦ କୋଟି ବ୍ୟୟ ଅଟ୍ଟକଳ ହୋଇଥିଲା। ଏହାର ଡିପିଆର ମଧ୍ୟ ପ୍ରସ୍ତୁତ କରାଯାଇଥିଲା। ତେବେ ବର୍ତ୍ତମାନ ସୁଦ୍ଧା ତାହା ସରକାରଙ୍କ ଅନୁମୋଦନ ହୋଇନଥିବା ବେଳେ ଚଳିତ ବଜେଟରେ ୪୮ କୋଟି ବରାଦ କରାଯାଇଛି।

ସେହିପରି ଚଳିତ ଆର୍ଥିକ ବର୍ଷରେ ବିଏମସିର ରାଜସ୍ୱ ଆୟ ୩୩ କୋଟି ୭୮ ଲକ୍ଷ ୩୫ ହଜାର ଏବଂ ସରକାରଙ୍କ ଠାରୁ ରେଭିନ୍ୟୁ ଗ୍ରାଣ୍ଟ ବାବଦରେ ୧୨୦ କୋଟି ୮୪ ଲକ୍ଷ ୪୨ ହଜାର ଟଙ୍କା ମିଳିବାର ଦର୍ଶାଯାଇଛି। ମହାନଗରର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଦଳମତ ନିର୍ବିଶେଷରେ ଜନ ପ୍ରତିନିଧି ବା କର୍ପୋରେଟରମାନେ ପ୍ରୟାସ କରିବାକୁ ଏମପି ଓ ମେୟର ଗୁରୁତ୍ୱ ଦେଇଥିଲେ। କମିଶନର ମଧ୍ୟ ବ୍ରହ୍ମପୁର ବିକାଶ ପ୍ରକ୍ରିୟାରେ ନିର୍ବାଚିତ ପ୍ରତିନିଧିମାନେ ସହଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ଡେପୁଟି ମେୟର ଇ. ବିବେକ ରେଡ୍ଡୀ ଶେଷରେ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ୧୫ରୁ କ୍ରିକେଟ ପ୍ରଶିକ୍ଷଣ ଶିବିର

ବ୍ରହ୍ମପୁର ଅଫିସ,୧୩।୫: ଲିଡ୍ସ ସ୍ପୋର୍ଟିଂ କ୍ଲବ ପକ୍ଷରୁ ଆସନ୍ତା ୧୫ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ କ୍ରିକେଟ ପ୍ରଶିକ୍ଷଣ ଶିବିର (ସମର କ୍ରିକେଟ କୋଚିଂ କ୍ୟାମ୍ପ ) ଅନୁଷ୍ଠିତ ହେବ। ଏମକେସିଜି ମେଡ଼ିକାଲ ପଡ଼ିଆ ଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ଶିବିରରେ ପ୍ରତ୍ୟେକ ଦିନ ସକାଳ ୭ରୁ ସାଢ଼େ ୯ଟା ଓ ଅପରାହ୍ନ ସାଢ଼େ ୩ରୁ ସାଢ଼େ ୫ ପର୍ଯ୍ୟନ୍ତ କ୍ରିକେଟ ତାଲିମ ପ୍ରଦାନ କରାଯିବ ବୋଲି ଲିଡ୍ସ ସ୍ପୋର୍ଟିଂ କ୍ଲବ ସମ୍ପାଦକ ମନୋଜ ଦଣ୍ଡପାଟ କହିଛନ୍ତି। ଶିବିରରେ ୧୦ ବର୍ଷରୁ ଉର୍ଦ୍ଧ୍ୱ ବୟସର ପ୍ରତ୍ୟେକ ସ୍କୁଲର ଛାତ୍ରମାନେ ଯୋଗ ଦେଇପାରିବେ।

### ନାବାଳିକାଙ୍କୁ ଅପହରଣ ନେଇ ଥାନାରେ ମାମଲା

ଗୋପାଳପୁର,୧୩।୫(ଡି.ଏନ.ଏ.)- ଜନୈକ ଯୁବକ ପ୍ରଲୋଭନ ଦେଖାଇ ନାବାଳିକାଙ୍କୁ ଅପହରଣ କରିଥିବା ନେଇ ଗୋଳନ୍ଥରା ଥାନାରେ ଶୁକ୍ରବାର ବାପା ଲିଖିତ ଅଭିଯୋଗ କରିଛନ୍ତି। ବଲାଙ୍ଗୀର ଜିଲା ସଇଁତଳା ଥାନା ଅନ୍ତର୍ଗତ ଅଞ୍ଚଳର ନାବାଳିକାଙ୍କ ପରିବାର ଲୋକ ଗତ କିଛି ମାସ ହେଲା ଗୋଳନ୍ଥରା ଥାନା ଅଞ୍ଚଳର ଏକ ଇଟା ଭାଟିରେ ରହି କାମ କରୁଥିଲେ। ଗତ ସୋମବାର ରାତିରେ ନାବାଳିକାଙ୍କ ପରିବାର ଲୋକ ଖାଇ ଶୋଇପଡ଼ିଥିଲେ। ଏହାର ସୁଯୋଗ ନେଇ ସେଠାରେ କାମ କରୁଥିବା ଯୁବକ ପବିତ୍ର ମଲ୍ଲିକ ନାବାଳିକାଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଅପହରଣ କରି ନେଇଥିଲେ। ପରଦିନ ସକାଳେ ପରିବାର ଲୋକେ ଝିଅକୁ ନ ପାଇ ଖୋଜାଖୋଜି କରିଥିଲେ ମଧ ମିଳି ନ ଥିଲା। ଏ ନେଇ ନାବାଳିକାଙ୍କ ବାପା ଗୋଳନ୍ଥରା ଥାନାରେ ଏତଲା ଦେଇଥିଲେ। ନଂ. ୧୫୮/୨୨ରେ ପୋଲିସ ମାମଲା ରୁଜୁ କରିଛି। ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ ବିବେକାନନ୍ଦ ମହନ୍ତ ସୂଚନା ଦେଇଛନ୍ତି।

### ସ୍ତ୍ରୀଙ୍କ ଉପରେ କିରୋସିନ ଢ଼ାଳିବା ଘଟଣା
### ସ୍ୱାମୀ କୋର୍ଟ ଚାଲାଣ

ବ୍ରହ୍ମପୁର ଅଫିସ,୧୩।୫-ସ୍ତ୍ରୀ'ଙ୍କ ଦେହରେ କିରୋସିନ ଢ଼ାଳି ହତ୍ୟା ଉଦ୍ୟମ ଘଟଣା ପରେ ଫେରାର ଥିବା ସ୍ୱାମୀଙ୍କୁ ବୈଦ୍ୟନାଥପୁର ଥାନା ପୋଲିସ ଶୁକ୍ରବାର ଗିରଫ କରିଛି। ସେ ହେଲେ ଲାଞ୍ଜିପଲି ମଠ ସାହିର ଏ.ହାଡୁ ପାତ୍ର। ମାମଲା ନଂ.୧୪୦/୨୨ରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟପକ୍ଷରେ ଏହି ଘଟଣାର ତଦନ୍ତ ଜାରି ରହିଛି, ଯେଉଁମାନେ ଏଥିରେ ସମ୍ପୃକ୍ତ ଥିବେ ସେମାନଙ୍କୁ ମଧ ଗିରଫ କରାଯିବ ବୋଲି ଥାନାଧିକାରୀ ରାମ କୁମାର ମୁର୍ମୁ କହିଛନ୍ତି। ପ୍ରକାଶ ଯେ, ହାଡୁ ୨୦୧୭ ମସିହାରେ ପି. ମହାଲକ୍ଷ୍ମୀଙ୍କୁ ବିବାହ କରିଥିଲେ। ଦୁଇ ବର୍ଷ ପରେ ଚରିତ୍ରକୁ ସନ୍ଦେହ କରି ମା'ଙ୍କ ସହ ମିଶି ସ୍ତ୍ରୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ଗତ ୧୦ ତାରିଖ ରାତିରେ ମହାଲକ୍ଷ୍ମୀ ବିଶ୍ରାମ ନେଉଥିବା ବେଳେ ମା' ପୁଅ ମିଶି ତାଙ୍କ ଉପରେ କିରୋସିନ ଢ଼ାଳି ନିଆଁ ଲଗାଇ ଦେଇଥିଲେ। ଫଳରେ ଲକ୍ଷ୍ମୀ ଚିତ୍କାର କରି ଉଠିଥିଲେ। ଗୁରୁତର ଅବସ୍ଥାରେ ସାହିଲୋକେ ତାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟବସ୍ଥା ଅଧିକ ଗୁରୁତର ହେବାରୁ ମହାଲକ୍ଷ୍ମୀଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି।

### ନାଭାଲ ୟୁନିଟ ଏନ୍‌ସିସି ପକ୍ଷରୁ ପ୍ରଶିକ୍ଷଣ ଶିବିର

ବ୍ରହ୍ମପୁର ଅଫିସ୍,୧୩।୫-ବ୍ରହ୍ମପୁର ନାଭାଲ ୟୁନିଟ (ଓଡିଶା-୧) ଏନସିସି ପକ୍ଷରୁ ଏସ୍‌ଏମଆଇଟି ଆଙ୍କୁଶପୁରଠାରେ ବାର୍ଷିକ ପ୍ରଶିକ୍ଷଣ ଶିବିର ଚାଲିଛି। ଶିବିରରେ ଗଞ୍ଜାମ, ପୁରୀ ଓ ଖୋର୍ଦ୍ଧା ଜିଲାର ୧୭ଟି ସ୍କୁଲର ୩୫୦ରୁ ଅଧିକ ଛାତ୍ରୀଛାତ୍ର ଯୋଗ ଦେଇଛନ୍ତି। ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ଯୋଗ ଦେଇ ଏନସିସି କ୍ୟାଡେଟମାନଙ୍କୁ ଏକତା ଓ ଅନୁଶାସନ ବିଷୟରେ ପରାମର୍ଶ ଦେଇଥିଲେ। ଶିବିରରେ ଫାୟାରିଂ, ୱେପେନ ଟ୍ରେନିଂ, ବୋଟ୍ ୱାର୍କ, ସିପ ମୋଡଲିଂ, କମ୍ୟୁନିକେସନ ଟ୍ରେନିଂ, ଆଙ୍କର ୱାର୍କ, ଫାଏର ଫାଇଟିଂ, ରିଗିଙ୍ଗ, ନାଭାଲ ଓରିଅନେଟେସନ ଓ ନ୍ୟାସନାଲ ଇଣ୍ଟିଗ୍ରେସନ ବିଷୟରେ ପ୍ରଶିକ୍ଷଣ ଦିଆଯାଉଛି। ଏନସିସି କମାଣ୍ଡିଂ ଅଫିସର କମାଣ୍ଡର କିଶୋର ଚନ୍ଦ୍ର ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିର ଆସନ୍ତା ୧୮ ତାରିଖରେ ଉଦଯାପିତ ହେବ ।

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ : ଅଭିଯୁକ୍ତ ଗିରଫ

**ଆସିକା,୧୩।୫(ଡି.ଏନ.ଏ.)**

ଆସିକା ଥାନା ଇଲାକାରେ ଜଣେ ନାବାଳିକାଙ୍କୁ ବିବାହର ପ୍ରଲୋଭନ ଦେଖାଇ ବହୁବାର ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି । ପୋଲିସ ଶୁକ୍ରବାର ଏହି ମାମଲାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ କବିସୂର୍ଯ୍ୟନଗର ଥାନା ଇଲାକାରେ ସୁଶାନ୍ତ ବେହେରା। ଅଭିଯୁକ୍ତ ଜଣକ ନାବାଳିକାଙ୍କ ସମ୍ପର୍କୀୟ ଭାଇ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଶୁକ୍ରବାର ପୀଡିତା ଓ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ବଡମେଡିକାଲରେ ଡାକ୍ତରୀ ମାଇନା କରାଯାଇଥିଲା। ପିଡିତାଙ୍କ ବୟାନ ରେକର୍ଡ ପରେ ଅଭିଯୁକ୍ତଙ୍କ ବରୋଧରେ ଆସିକା ଥାନାରେ ନଂ.୨୨୭/୨୨ରେ ଏକ ମାମଲା ରୁଜୁ କରାଯାଇଛି। ଗିରଫ ଅଭିଯୁକ୍ତଙ୍କୁ ବ୍ରହ୍ମପୁରସ୍ଥିତ ପୋକ୍ସ ଅଦାଲତରେ ହାଜର କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ,ଅଭିଯୁକ୍ତ ଜଣକ ଉଭୟ ପରିବାର ମଧ୍ୟରେ ସମ୍ପର୍କର ସୁଯୋଗ ନେଇ ନାବାଳିକାଙ୍କୁ ବଳାତ୍କାର କରି ଆସୁଥିଲେ। ଏପରିକି ଏକାଧିକବାର ଗର୍ଭପାତ କରିଥିଲା ବେଳେ ପରବର୍ତ୍ତି ଅବସ୍ଥାରେ କୌଣସି ଟେଲିଫୋନକୁ ଗ୍ରହଣ ନ କରିବାରୁ ପୀଡ଼ିତା ପୋଲିସରେ ଅଭିଯୋଗ କରିଥିଲେ।

## ଅନ୍ତେବାସୀଙ୍କୁ ଖେଳ ଉପକରଣ ବଣ୍ଟନ

**ଆର.ଉଦୟଗିରି,୧୩।୫(ଡି.ଏନ.ଏ.)**

ମୋହନା ବ୍ଲକ କଣ୍ଟେଇକୋଳି ଗ୍ରାମଠାରେ ଥିବା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦୃଷ୍ଟିହୀନ, ବଧିର, ମାନସିକ ଅନଗ୍ରସର ଓ ପକ୍ଷାଘାତ ସ୍ୱତନ୍ତ୍ର ବିଦ୍ୟାଳୟରେ ଗୁରୁବାର ପରିଚାଳନା କମିଟି ଓ ବିଦ୍ୟାଳୟର ଷ୍ଟାଫମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ସାମୂହିକ ଉନ୍ନତି ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା। ଶେଷରେ ବିଦ୍ୟାଳୟର ଉପସଭାପତି ଶରତ କୁମାର ମଲ୍ଲିକ ଓ ସମ୍ପାଦକ ଦଣ୍ଡାସି ସାହୁ ଅନ୍ତେବାସୀ ମାନଙ୍କୁ ବିଭିନ୍ନ ଖେଳ ଉପକରଣ ସହ ପାଣିବୋତଲ ଓ ଅନ୍ୟାନ୍ୟ ସାମଗ୍ରୀ ବଣ୍ଟନ କରିଥିଲେ।

# ଯୁବ ସଂସ୍କାର କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

**ବ୍ରହ୍ମପୁର ଅଫିସ,୧୩।୫:**

ମହାମାୟୀ ମହିଳା ମହାବିଦ୍ୟାଳୟରେ ଶୁକ୍ରବାର ଯୁବ ସଂସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼.ଏସ.ନାରାୟଣ ରାଓ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ଡ଼.ଜୟନ୍ତୀ ରାଣୀ ପଣ୍ଡା ଏହାକୁ ପରଚାଳନା କରିଥିଲେ। ଚିକିଟି ମହାବିଦ୍ୟାଳୟ ଶିକ୍ଷା ବିଭାଗୀୟ ମୁଖ୍ୟ ଡ଼.ରାଜେଶ କୁମାର ପାତ୍ର ମୁଖ୍ୟ ଅତିଥି, ଭଞ୍ଜନଗର ସାବିତ୍ରୀ ମହାବିଦ୍ୟାଳୟ ଗୃହ ବିଜ୍ଞାନ ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଜୟଲକ୍ଷ୍ମୀ ରଥ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ମଞ୍ଚାସୀନ ଅତିଥି ଓ ଅଧ୍ୟାପିକା ଅଧ୍ୟାପକମାନେ ଯୁବ ସଂସ୍କାର କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥିତ ଛାତ୍ରୀଙ୍କୁ ଜଣାଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନୋଡ଼ାଲ ଅଫିସର ଡ଼.ଦେବଦର୍ଶନୀ ସାହୁ, ପ୍ରସନ୍ନା ପଟ୍ଟନାୟକ, ଡ଼.ମମତା କୁମାରୀ ପାଢ଼ୀ, ଡ଼.ରାଜଲକ୍ଷ୍ମୀ ଦାଶଙ୍କ ସମେତ ମହାବିଦ୍ୟାଳୟର ଶତାଧିକ ଛାତ୍ରୀ ଓ ବହୁ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ।

# ରେଲୱେରେ ଚାକିରି ଦେବା ନାଁରେ ଠକେଇ, ଅଭିଯୁକ୍ତ ଗିରଫ

**ବ୍ରହ୍ମପୁର ଅଫିସ,୧୩।୫**

ଜଣେ ଯୁବକ ନିଜକୁ ରେଳ ବିଭାଗର କର୍ମଚାରୀ ପରିଚୟ ଦେଇ ରେଲୱେରେ ଚାକିରି କରାଇଦେବା ନାଁରେ ବେକାର ଯୁବତୀଙ୍କଠାରୁ ଟଙ୍କା ଠକେଇ କରିଥିବା ଅଭିଯୋଗରେ ଗିରଫ ହୋଇଛନ୍ତି। ସେ ହେଲେ ଗୋଷାଣୀ ନୂଆଗାଁ ଥାନା ଅନ୍ତର୍ଗତ ହିଲପାଟଣାର ଗଣେଶ କୁମାର ହୋତା। ଗୋଷାଣୀ ନୂଆଗାଁ ଥାନା ମାମଲା ନଂ. ୭୫/୨୨ରେ ପୋଲିସ ତାଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଥିବା ଟାଉନ ଏସଡ଼ିପିଓ ବିଷ୍ଣୁପ୍ରସାଦ ପତି ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଗଣେଶ ପାଠପଢି ବେକାର ଥିବା ଯୁବକ, ଯୁବତୀଙ୍କୁ ରେଳ ବିଭାଗରେ ନିଯୁକ୍ତି କରାଇଦେବି ବୋଲି ପ୍ରତିଶ୍ରୁତି ଦେଇ ସେମାନଙ୍କଠାରୁ ଟଙ୍କା ନେଇଥିଲେ। ହିଲପାଟଣାର ଗୋଧୂଳି ନାୟକଙ୍କୁ ରେଳ ବିଭାଗରେ ଆକାଉଣ୍ଟ ସେକ୍ସନ ଅଫିସର କରାଇ ଦେବି ବୋଲି ଗଣେଶ ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ସେ ଗୋଧୂଳିଙ୍କୁ ପ୍ରଥମେ ୪୦ ହଜାର ଟଙ୍କା ଦେବାକୁ କହିଥିଲେ। ପରେ ଗୋଧୂଳି ୪ଟି ପର୍ଯ୍ୟାୟରେ ୧୫ ହଜାର, ୧୦ ହଜାର, ୫ ହଜାର ଓ ୧୦ ହଜାର ଏଭଳି ୪୦ ହଜାର ଟଙ୍କା ଫୋନ ପେ ଯୋଗେ ଗଣେଶଙ୍କୁ ଦେଇଥିଲେ। ହେଲେ ଦୀର୍ଘଦିନ ହେଲା ରେଳ ବିଭାଗରୁ କୌଣସି ନିଯୁକ୍ତି ପତ୍ର ନ ମିଳିବାରୁ ସେ ଗଣେଶଙ୍କୁ ପଚାରିଥିଲେ। ବିଭିନ୍ନ ଆଳ ଦେଖାଇ ସେ ତାଙ୍କୁ ଠକିବାରେ ଲାଗିଥିଲେ। ପରେ ଯୁବତୀ ଜଣଙ୍କ ଟଙ୍କା ଫେରସ୍ତ କହିବାରୁ ତାଙ୍କୁ ଗଣେଶ ଜୀବନରେ ମାରିଦେବାକୁ ଧମକଚମକ ଦେଇଥିଲେ। ଠକେଇର ଶିକାର ହୋଇଥିବା ଜାଣିବା ପରେ ଗୋଧୂଳି ଏ ନେଇ ଗୋଷାଣିନୁଆଗାଁ ଥାନାରେ ଅଭିଯୋଗ କରିଥିଲେ।

## ଡାକ୍ତରଙ୍କ ଅବହେଳାରୁ ନାବାଳିକାଙ୍କ ମୃତ୍ୟୁ ଘଟଣା
## ପ୍ରତିବାଦରେ କବିସୂର୍ଯ୍ୟନଗର ସ୍ୱାସ୍ଥ୍ୟକେନ୍ଦ୍ର ଘେରାଉ

**କବିସୂର୍ଯ୍ୟନଗର,୧୩।୫(ଡି.ଏନ.ଏ.)**

କବିସୂର୍ଯ୍ୟନଗର ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ଅବହେଳାରୁ ଗତ ୨୭ରେ ଜଣେ ସାତବର୍ଷର ଝିଅ ପାର୍ବତୀ ନାହାକଙ୍କର ମୃତ୍ୟୁ ଘଟିଥିଲା। ଏହାର ପ୍ରତିବାଦରେ ଉକ୍ତ ମେଡିକାଲରେ ସ୍ଥାୟୀ ଡାକ୍ତର ନିଯୁକ୍ତି, ସରକାରୀ ଆମ୍ବୁଲାନ୍ସ ଚାଳକ ଓ ଫାର୍ମାସିଷ୍ଟ ବଦଳି, ଅଭିଜ୍ଞ ନର୍ସ ନିଯୁକ୍ତି ଏବଂ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ନେଇ ଶୁକ୍ରବାର ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ରାଲି, ଗଣଧାରଣା ଓ ସ୍ୱାସ୍ଥ୍ୟକେନ୍ଦ୍ର ଘେରାଉ ହୋଇଥିଲା। ସରକାର ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ନାରା ଦେଉଥିବା ବେଳେ ଉକ୍ତ ଡାକ୍ତରଖାନାରେ ଡାକ୍ତରଙ୍କ ଅବହେଳା ଯୋଗୁ ପାର୍ବତୀଙ୍କ ଜୀବନ ଯାଇଥିବା ବାପା ବୀନ ନାହାକ ଓ ମା ଜାନକୀ ଅଭିଯୋଗ କରିଛନ୍ତି। ଏ ନେଇ ଘୁମୁସର ସାଙ୍ଗଠନିକ ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ପ୍ରମୋଦ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଭାଜପା କର୍ମୀ ଓ ଜନସାଧାରଣ ଆଇବି ଛକଠାରୁ ଏକ ରାଲିରେ ଆସି ମେଡିକାଲରେ ପହଞ୍ଚିଥିଲେ। ଏହି ଅବସରରେ ରାଜ୍ୟ ଉପସଭାପତି ଅନିତା ଶୁଭଦର୍ଶିନୀ ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିଶିର ମିଶ୍ର, ଯୁବ ନେତା ଶ୍ୱେତ ଦୋରା, ଇ. ମାହେଶ୍ୱରୀ ଦୋରା, ବିଶ୍ୱଜିତ ମହାପାତ୍ର, ରାମପ୍ରସାଦ ମହାରଣା, ଶିବରାମ ପଣ୍ଡା, ଯୁବ ମୋର୍ଚ୍ଚା ସମ୍ପାଦକ କାହ୍ନା ନାୟକଙ୍କ ସହ ସମସ୍ତ ମଣ୍ଡଳ ସଭାପତି ଓ କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀର ବହୁ ନେତୃବୃନ୍ଦଙ୍କ ସହ ଶତାଧିକ ଯୁବବନ୍ଧୁ ଉପସ୍ଥିତ ଥିଲେ।

## ଟିପିଏସଓଡିଏଲ ପକ୍ଷରୁ ପ୍ରୋଜେକ୍ଟ ସମାଧାନର ଶୁଭାରମ୍ଭ



ୱାନ ଷ୍ଟପ ସଲ୍ୟୁଶନ କେନ୍ଦ୍ରରେ ଉପସ୍ଥିତ ଗ୍ରାହକ।

**ବ୍ରହ୍ମପୁର ଅଫିସ୍,୧୩।୫**

ଟିପି ସଦର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସଓଡିଏଲ) ପକ୍ଷରୁ ଉପଭୋକ୍ତାଙ୍କ ନିକଟରେ ପହଞ୍ଚିବା ଓ ସେମାନଙ୍କୁ ବିଦ୍ୟୁତ ବିଲ ଓ ଏଥିସହ ଜଡିତ ସମସ୍ୟା ଗୁଡ଼ିକର ସମାଧାନ ପାଇଁ ୱାନ ଷ୍ଟପ ସଲ୍ୟୁଶନ ପ୍ରୋଜେକ୍ଟ ସମାଧାନର ଶୁଭାରମ୍ଭ କରାଯାଇଛି। ଏହି ପ୍ରକଳ୍ପ ଅଧୀନରେ କମ୍ପାନୀ ପ୍ରତ୍ୟେକ ସବ ଡିଭିଜନରେ ଗ୍ରାମାଞ୍ଚଳସ୍ତରୀୟ କ୍ୟାମ୍ପ ସ୍ଥାପନ କରିବା ଏବଂ ଗ୍ରାହକଙ୍କୁ ଏକାଧିକ ସେବା ପ୍ରଦାନ କରିବାକୁ ଯୋଜନା ରଖିଛି। ଗ୍ରାମାଞ୍ଚଳର ଲୋକଙ୍କ ନିକଟରେ ପହଞ୍ଚି ସେମାନଙ୍କ ସମସ୍ୟା ଗୁଡିକର ସମାଧାନ କରିବା ଲକ୍ଷ୍ୟ ନେଇ ଏହି ଯୋଜନା ହୋଇଛି। ଏହି କ୍ୟାମ୍ପ ଗୁଡିକ ପ୍ରତ୍ୟେକ ସବ ଡିଭିଜନରେ ସ୍ଥାପନ କରାଯିବା ପାଇଁ ଯୋଜନା ରହିଛି। ସ୍ପଟ ରିଡିଂ ଆଧାରିତ ବିଲ ଓ ନକଲି ବିଲ ବାହାର କରିବା, ବକେୟା ଅର୍ଥକୁ ସେହି ସ୍ଥାନରୁ ସଂଗ୍ରହ କରିବା, ମିଟର ଲାଗି ନ ଥିବା ସଂଯୋଗ ଗୁଡିକର ନିୟମିତକରଣ, ନୂଆ ସଂଯୋଗ ପାଇବା ପାଇଁ ମାର୍ଗ ଦର୍ଶନ ଓ ଯୋଗାଯୋଗ ବିବରଣୀ ଅପଡେଟ କରିବା ଭଳି ଏକାଧିକ ସେବା ସୁନିଶ୍ଚିତ କରିବା ସେବା ଉପଲବ୍ଧ ରହିଛି। ଏ ନେଇ ଟିପିଏସଓଡିଏଲ ସିଇଓ ଅରବିନ୍ଦ ସିଂ କହିଛନ୍ତି ଯେ, ଦକ୍ଷିଣ ଓଡିଶାରେ ଏକ ବର୍ଦ୍ଧିତ ବିତରଣ ନେଟୱର୍କ ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଛୁ। ଏଭଳି ପଦକ୍ଷେପ ଗୁଡିକର କାର୍ଯ୍ୟକାରିତାର ଗ୍ରାହକ କୈନ୍ଦ୍ରିକତା ଲକ୍ଷ୍ୟ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପଡିବ ବୋଲି ସେ କହିଛନ୍ତି।

## ପ୍ରଧାନ ଶିକ୍ଷୟିତ୍ରୀଙ୍କ ନିଲମ୍ବନ ପ୍ରତ୍ୟାହାର ଦାବି

**ଶେରଗଡ଼,୧୩।୫(ଡି.ଏନ୍.ଏ.)**

ଶେରଗଡ଼ ବ୍ଲକ ବରମୁଣ୍ଡଳୀ ଉଚ୍ଚ ବିଦ୍ୟାଳୟର ସ୍ମାର୍ଟ ଶ୍ରେଣୀ ଗୃହରେ କେତେଜଣ ଛାତ୍ର ପୁଷ୍ପା ଚଳଚ୍ଚିତ୍ର ଦେଖି ନାଚୁଥିବା ଭିଡିଓ କରିବା ଘଟଣାରେ କାର୍ଯ୍ୟରେ ଅବହେଳା ଯୋଗୁ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା କୁମାର ପାଢୀଙ୍କୁ ନିଲମ୍ବନ କରାଯାଇଥିଲା। ଶୁକ୍ରବାର ମିଳିତ ଶିକ୍ଷକ ସଂଘ ଓ ଓଷ୍ଟା ସଂଘ ଶେରଗଡ଼ ଚାରିଛକରେ ଏକାଠି ହୋଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କରାଯାଇଥିବା ନିଲମ୍ବନ ଆଦେଶକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ସେମାନେ ରାଲିରେ ଯାଇ ବିଇଓ ଭାସ୍କର ଲେଙ୍କାଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ଏହାକୁ ବିଇଓ ଗ୍ରହଣ କରିବା ସହ ଉପରିସ୍ଥ ଜିଲା ଶିକ୍ଷାଧିକାରୀଙ୍କ ନିକଟକୁ ପଠାଯିବ ବୋଲି କହିଛନ୍ତି।

## ଏଟିଏମ୍ ଭାଙ୍ଗି ଟଙ୍କା ଲୁଟ୍ ଉଦ୍ୟମ ପଣ୍ଡ, ୩ ଗିରଫ

**ବଲସକୁମ୍ପା,୧୩।୫**

ଖଜୁରିପଡ଼ା ବ୍ଲକ ହେଡକ୍ୱାର୍ଟର୍ସରେ ଥିବା ଏସ୍‌ବିଆଇ ଏଟିଏମ୍ ଗୁରୁବାର ରାତିରେ ଦୁର୍ବୃତ୍ତମାନେ ଭାଙ୍ଗି ଟଙ୍କା ଲୁଟ ଉଦ୍ୟମ କରୁଥିବା ବେଳେ ବିଫଳ ହୋଇଛନ୍ତି । ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି। ଦୁର୍ବୃତ୍ତମାନେ ଏଟିଏମ୍‌କୁ ଭାଙ୍ଗି ଟଙ୍କା ଲୁଟ କରିବାକୁ ଉଦ୍ୟମ ଚଳାଇଥିଲେ। ଖବରପାଇ ପୋଲିସ ପହଞ୍ଚି ସେମାନଙ୍କୁ ଧରିଥିଲା। ଅନ୍ୟମାନଙ୍କୁ ଧରିବାକୁ ଚେଷ୍ଟା ଚଳାଇଛି। ଏଟିଏମ୍‌ରୁ ଟଙ୍କା ଲୁଟ ହୋଇଛି କି ନାହିଁ ତାହା ସ୍ପଷ୍ଟ ହୋଇପାରିନାହିଁ। ବରିଷ୍ଠ ଅଧିକାରୀ ଫୁଲବାଣୀ ଏସଡିଓ ମହେନ୍ଦ୍ରନାଥ ମୁର୍ମୁ ଥାନାରେ ପହଞ୍ଚି ତଦନ୍ତ ଚଳାଇଛନ୍ତି।

# ହିଞ୍ଜିଳିକାଟୁ ପୌରପରିଷଦର ପ୍ରଥମ ବୈଠକ

**ହିଞ୍ଜିଳିକାଟୁ,୧୩।୫(ଡି.ଏନ.ଏ.)**

ହିଞ୍ଜିଳିକାଟୁ ପୌରପରିଷଦ ସଭାଗୃହରେ ଶୁକ୍ରବାର ନବନର୍ବାଚିତ ପରିଷଦର ପ୍ରଥମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପଲେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିର୍ବାହୀ ଅଧିକାରୀ ଡ.ମନୋରଞ୍ଜନ ସାହୁ ସଭା ପରିଚାଳନା କରିଥିଲେ। ସମସ୍ତ ନବନିର୍ବାଚିତ ଜନପ୍ରତିନିଧି ଓ ପୌରପାଳିକାର ସମସ୍ତ କର୍ମଚାରୀ ନିଜ ମଧ୍ୟରେ ପରିଚୟ ଆଦାନ ପ୍ରଦାନ କରିଥିଲେ। ଏପ୍ରିଲ ମାସର ଆୟ ଓ ବ୍ୟୟ ପ୍ରଦାନ କରାଯାଇଥିଲା। ଗ୍ରୀଷ୍ମପ୍ରବାହ ହେତୁ ପାନୀୟ ଜଳ ବଣ୍ଟନ ଓ ଅନ୍ୟାନ୍ୟ ବିକାଶ ମୂଳକ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ସହରକୁ ରାଜ୍ୟ ଶ୍ରେଷ୍ଠ ପୌରପାଳିକା କରିବା ପାଇଁ ସମସ୍ତଙ୍କ ଗଠନ ମୂଳକ ସହଯୋଗ ନିମନ୍ତେ ଅଧ୍ୟକ୍ଷ ପଲେଇ ଆହ୍ୱାନ କରିଥିଲେ। ଉପାଧ୍ୟକ୍ଷା ସୁଚିତ୍ରା ପଣ୍ଡା ବଜେଟ ସମ୍ବନ୍ଧରେ ଆଲୋଚନା କରିଥିଲେ। ସହକାରୀ ଯନ୍ତ୍ରୀ ପ୍ରମୋଦ କୁମାର ନାୟକ, ଯନ୍ତ୍ରୀ ଦିଲୀପ କୁମାର ମିଶ୍ର ଓ ଯନ୍ତ୍ରୀ ମାନସ ରଞ୍ଜନ ଦାଶ ସଭା ପରିଚାଳନାରେ ସହଯୋଗ କରିଥିଲେ। ବୈଠକରେ ସମସ୍ତ କାଉନସିଲ ଯୋଗଦେଇଥିଲେ।

# ମା' ମହାମାୟୀଙ୍କ ଯାତ୍ରା ଆରମ୍ଭ

**କବିସୂର୍ଯ୍ୟନଗର,୧୩।୫(ଡି.ଏନ.ଏ.)**

କବିସୂର୍ଯ୍ୟନଗର ଅଧିଷ୍ଠାତ୍ରୀ ଦେବୀ ମା' ମହାମାୟୀଙ୍କ ଯାତ୍ରା ବିଧିବଦ୍ଧ ଭାବେ ଯାତ୍ରା କମିଟି ଓ ଜନସାଧାରଣଙ୍କ ସହଯୋଗରେ ଶୁଭାରମ୍ଭ ହୋଇଯାଇଛି। ଶୁକ୍ରବାର ମହାମାୟୀ ଟ୍ରଷ୍ଟ ସଭାପତି ବିଜୟ କୁମାର କହଁରଙ୍କ ତତ୍ତ୍ୱାବଧାନରେ ଅସ୍ଥାୟୀ ସଭାଗୃହରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବରୁଣ, ସୂର୍ଯ୍ୟ, ବସୁଧାରା, ଚଣ୍ଡିପାଠ, ମହାମାୟୀଙ୍କ ଷୋଡଶ ପୂଜା ଆଦି ମୁଖ୍ୟ ପୁରୋହିତ ଶିଶିର ମିଶ୍ରଙ୍କ ଦ୍ୱାରା କରାଯାଇଛି। ସହଯୋଗୀ ଭାବେ ସୁଧୀର ମିଶ୍ର, ଶରତ ଚନ୍ଦ୍ର ଶତପଥୀ, ବିଭୁନନ୍ଦନ ପଣ୍ଡା କରିଥିବା ବେଳେ ଦେଶୀ ବେହେରା ପୂଜାରେ କର୍ତ୍ତା ଭାବେ ପୂଜାକାର୍ଯ୍ୟ ସମାପନ କରିଥିଲେ। ଯାତ୍ରା ଅସ୍ଥାୟୀ କମିଟି ସଭାପତି କୁମୁଦ ଚନ୍ଦ୍ର ସାହୁ, ଉପସଭାପତି ଲିଙ୍ଗରାଜ ନାୟକ, ସମ୍ପାଦକ ସୂର୍ଯ୍ୟମଣି ମିଶ୍ର, କୋଷାଧ୍ୟକ୍ଷ ଇ.ଶଶୀଶେଖର ପାତ୍ର ଓ ଟ୍ରଷ୍ଟ ସମ୍ପାଦକ ଜି. ଶମ୍ଭୁଲିଙ୍ଗମ ଆଚାରୀ ଉପସ୍ଥିତ ରହିଥିଲେ। ପାରମ୍ପରିକ ରୀତି ନିୟମ ପ୍ରକାରେ ଶୁକ୍ରବାର ମା' ମହାମାୟୀଙ୍କୁ ନିଜ ବାପା ଘର ଦେଶୀ ବେହେରା ସାହି ସାଲା ଗୃହକୁ ବିଧିବଦ୍ଧ ଭାବେ ଅଣାଗଲା। ଆଜ୍ଞାମାଳ ଅଣାଗଲା ବେଳେ ପ୍ରବଳ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ସହର, ପୁରପଲ୍ଲୀ ଚଳଚଞ୍ଚଳ ହୋଇଉଠିଛି।



ଅସ୍ଥାୟୀ ସାଲାଗୃହର ପ୍ରତିଷ୍ଠା ଓ ପୂଜାର୍ଚ୍ଚନା।

# ପାଣିରେ ଭାସିଲା ଲକ୍ଷାଧିକ ଟଙ୍କାର ମଲା ମାଛ

**ଦିଗପହଣ୍ଡି,୧୩।୫(ଡି.ଏନ.ଏ)**

ଦିଗପହଣ୍ଡି ବ୍ଲକ କଇଠଡା ପଞ୍ଚାୟତ ଦ୍ୱାରଗାଁ ପାଣିଖିଆ ପୋଖରୀରେ କୌଣସି ଦୁର୍ବୃତ୍ତ ବିଷ ପ୍ରୟୋଗ କରିଥିବାରୁ ଶୁକ୍ରବାର ହଜାର ହଜାର ସଂଖ୍ୟାରେ ମଲା ମାଛ ପାଣିରେ ଭାସୁଥିବା ଦେଖିବାକୁ ମିଳିଥିଲା। ପଞ୍ଚାୟତ ପୋଖରୀକୁ ଲିଜ ସୂତ୍ରରେ ରଖିଥିବା ଗ୍ରାମ୍ୟ କମିଟି ସଦସ୍ୟମାନେ ଏ ନେଇ ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ପୋଖରୀକୁ ଗ୍ରାମ୍ୟ କମିଟି ପକ୍ଷରୁ ଲିଜ ବାବଦରେ ରଖି ଗତ କିଛିଦିନ ପୂର୍ବେ ପ୍ରାୟ ଏକ ଲକ୍ଷ ଟଙ୍କାର ମାଛ ଯାଆଁଳ ଛାଡ଼ିବା ସହ ମାଛ



ମଲା ମାଛ

ମାନଙ୍କ ରକ୍ଷଣାବେକ୍ଷଣ ପାଇଁ ସେମାନେ ପୋଖରୀରେ ଉତ୍ତମ ମାନର ମାଛ ଖାଦ୍ୟ ପକାଇଥିଲେ। ଏପରିକି ଉକ୍ତ ପୋଖରୀ ଉପରେ ଦ୍ୱାରଗାଁ ଗ୍ରାମବାସୀ ଗାଧୋଇବା ପାଇଁ ସମ୍ପୂର୍ଣ୍ଣ ଭାବେ ନିର୍ଭର କରୁଥିଲେ। ତେବେ ଗ୍ରାମବାସୀଙ୍କ ଅଭିଯୋଗ ପ୍ରକାରେ, ଏହି ପୋଖରୀ ଲିଜକୁ କେନ୍ଦ୍ରକରି ଗ୍ରାମରେ

## ପୋଖରୀରେ ବିଷ ପ୍ରୟୋଗ ଅଭିଯୋଗ

୨ ଗୋଷ୍ଠୀ ଯୁବକଙ୍କ ମଧ୍ୟରେ ତିକ୍ତତା ଲାଗି ରହିଥିଲା। କିଛି ଯୁବକ ମଦ୍ୟପାନ କରି ବିଭିନ୍ନ ସମୟରେ ଗାଳିଗୁଲଜ କରି ଆସୁଥିଲେ। ଏପରିକି ପୋଖରୀ ହୁଡ଼ାରେ ବସି ବିଳମ୍ବିତ ରାତି ପର୍ଯ୍ୟନ୍ତ ମଦ୍ୟପାନ ମଧ୍ୟ କରୁଥିଲେ। ଗ୍ରାମବାସୀ ଏହାର ପ୍ରତିବାଦ କଲେ ତୁମେ କିଭଳି ପୋଖରୀରେ ମାଛ ଚାଷ କରିବ ବୋଲି ଧମକ ଦେଇ ଆସୁଥିଲେ। ଗୁରୁବାର ମଧ ଏହାକୁ ନେଇ ପାଟିତୁଣ୍ଡ ହୋଇଥିବା ଗ୍ରାମବାସୀଙ୍କ ପକ୍ଷରୁ ଥାନାରେ ଦିଆଯାଇଛି। ଶୁକ୍ରବାର ଗ୍ରାମ୍ୟ କମିଟି ସଦସ୍ୟମାନେ ପୋଖରୀକୁ ସଫା ସୁତୁରା ଏବଂ ଜଳ ନିଷ୍କାସନ ପାଇଁ ଯିବା ସମୟରେ ହଜାର ହଜାର ମଲା ମାଛ ପାଣିରେ ଭାସୁଥିବା ଦେଖିଥିଲେ । ଏଥିସହ ପୋଖରୀ ତୁଠ ନିକଟରେ ଏକ କୀଟନାଶକ ଔଷଧ ବୋତଲ ପଡ଼ିଥିବାରୁ ପୋଖରୀ ପାଣିରେ କେହି ଦୁର୍ବୃତ୍ତ ବିଷ ପ୍ରୟୋଗ କରିଥିବା ଜଣାପଡିଥିଲା। ପରେ ଗ୍ରାମବାସୀମାନେ ବହୁ ସଂଖ୍ୟକ ମଲା ମାଛ ଓ ବିଷ ବୋତଲକୁ ଧରି ଦିଗପହଣ୍ଡି ଥାନାରେ ପହଞ୍ଚି ଏତଲା ଦେଇଛନ୍ତି। ଏ ନେଇ ପୋଲିସ ତଦନ୍ତ ଚଳାଇଛି।

